ଶେରା ସିଂହ

ବନାମ

ପଞ୍ଜାବ ରାଜ୍ୟ

ଅଗଷ୍ଟ 28, 1996

[ ଜି. ଏନ୍. ରାଏ ଏବଂ ବି. ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ ]

*ଦଣ୍ଡ ସଂହିତା, 1860 :*

*ଧାରା 302 ସହ 34 – ହତ୍ୟା – ତିନି ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ଆଜୀବନ କାରାଦଣ୍ଡ ଏବଂ 500 ଟଙ୍କା ଜୋରିମାନାର ଦଣ୍ଡାଦେଶ ପାଇଛନ୍ତି – ଅପିଲ କରିବାରୁ ଉଚ୍ଚ ନ୍ୟାୟାଳୟ ଦୁଇ ଜଣ ସହ-ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ଏବଂ ଅପିଲକାରୀଙ୍କ ଦୋଷସିଦ୍ଧିକୁ ବଜାୟ ରଖିଥିଲେ – ଦୋଷସିଦ୍ଧି ରାଜସାକ୍ଷୀଙ୍କ ସାକ୍ଷ୍ୟ ଉପରେ ଆଧାରିତ ଥିଲା ଏବଂ ଅନ୍ୟ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଦ୍ୱାରା ସମର୍ଥିତ ହୋଇଥିଲା – ଅପିଲରେ ଦର୍ଶାଯାଇଥିଲା : ରାଜସାକ୍ଷୀଙ୍କ ଅଭିସାକ୍ଷ୍ୟକୁ ବସ୍ତୁଗତ ସବିଶେଷ ବିବରଣୀରେ ସମର୍ଥିତ କରାଯିବା ଆବଶ୍ୟକ – ସାକ୍ଷୀଙ୍କ ସାକ୍ଷ୍ୟ ଯେ, ମୃତ ବ୍ୟକ୍ତିଙ୍କୁ ଶେଷ ଥର ପାଇଁ ଅପିଲକାରୀଙ୍କ ସହିତ ଦେଖିବାକୁ ମିଳିଥିଲା ତାହା ରାଜସାକ୍ଷୀଙ୍କ ସାକ୍ଷ୍ୟର ସମର୍ଥନ ଭାବରେ ବିବେଚନା କରାଯାଇପାରିବ ନାହିଁ – ଅପିଲକାରୀଙ୍କ ବିରୋଧରେ ପାରିତ ହୋଇଥିବା ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ବାତିଲ କରାଗଲା ।*

ଫୌଜଦାରୀ ଅପିଲ ଅଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 328/1985

ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ସି ଆର୍ ଏଲ୍ ଏ ସଂଖ୍ୟା 560-DB/1983ର 17.1.84 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍. ସି. କୋହଲି

ଉତ୍ତରଦାତାଙ୍କ ପାଇଁ ଆର୍. ଏସ୍. ସୁରିଙ୍କ ପାଇଁ ଶ୍ରୀମତୀ ଅମିତା ଗୁପ୍ତା

ଏହି ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅପିଲକାରୀ ଶେରା ସିଂଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଫିରୋଜପୁରର ବିଜ୍ଞ ଦୌରା ବିଚାରପତିଙ୍କ ସମ୍ମୁଖରେ ଦୌରା ବିଚାର ସଂଖ୍ୟା 41/1983 ରେ ହତ୍ୟା ଅପରାଧ ପାଇଁ ବିଚାର କରାଯାଇଥିଲା । 1983 ମସିହା ଜୁଲାଇ 29 ତାରିଖର ରାୟ ଅନୁସାରେ, ବିଜ୍ଞ ଦୌରା ବିଚାରପତି ଭାରତୀୟ ଦଣ୍ଡ ସଂହିତାର ଧାରା 302 ସହିତ ଧାରା 34 ଅନୁଯାୟୀ ସମସ୍ତ ତିନିଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡ ଏବଂ ଆଜି 500 ଟଙ୍କାର ଜୋରିମାନାର କିମ୍ବା ଜୋରିମାନା ଅନାଦେୟ ଛଅ ମାସ ପାଇଁ କଠୋର କାରାବାସ ଭୋଗିବାକୁ ଦଣ୍ଡାଦେଶ ଦେଇଥିଲେ । ଅପିଲକାରୀଙ୍କ ସମେତ ଉକ୍ତ ତିନି ଜଣ ଦୋଷୀ ଅଭିଯୁକ୍ତମାନେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟରେ ଫୌଜଦାରୀ ଅପିଲ ସଂଖ୍ୟା 560-DB /1983 ମାଧ୍ୟମରେ ଅପିଲକୁ ଆଗତ କରିଥିଲେ ।

1984 ମସିହା ଜୁଲାଇ 17 ତାରିଖର ଆକ୍ଷେପିତ ରାୟ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ ଦୁଇ ଜଣ ସହ-ଅଭିଯୁକ୍ତ ଲକ୍ଷ୍ମଣ ସିଂହ ଏବଂ ବଲବୀର ସିଂହଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, କିନ୍ତୁ ଆଇପିସିର ଧାରା 302 ଅନୁଯାୟୀ ହତ୍ୟା ଅପରାଧ ପାଇଁ ଅପିଲକାରୀଙ୍କ ଦୋଷସିଦ୍ଧିକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବଜାୟ ରଖାଯାଇଥିଲା । ଏହା ଦର୍ଶାଯାଇପାରେ ଯେ, ଏହି ମାମଲାରେ 1982 ମସିହା ଜୁଲାଇ 28 ତାରିଖ ରାତି ପ୍ରାୟ 9ଟା ବେଳେ ହୋଇଥିବା ସୁଚ ସିଂହଙ୍କ ହତ୍ୟାକାଣ୍ଡରେ କେବଳ ରାଜସାକ୍ଷୀ ପି. ଡବ୍ଲ୍ୟୁ. 13ଙ୍କ ସାକ୍ଷ୍ୟ ବ୍ୟତୀତ କୌଣସି ଅଭିଯୁକ୍ତଙ୍କ ସମ୍ପୃକ୍ତି ବିଷୟରେ କୌଣସି ପ୍ରତ୍ୟକ୍ଷ ସାକ୍ଷ୍ୟ ନାହିଁ । ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 ର ଧାରା 114 ଅଧୀନରେ ଦୃଷ୍ଟାନ୍ତ (b) ଅନୁଯାୟୀ, ଜଣେ ସହ ଅପରାଧୀ ବିଶ୍ୱାସ ପାଇବାକୁ ଯୋଗ୍ୟ ନୁହଁନ୍ତି, ଯଦି ସେ ବସ୍ତୁଗତ ସବିଶେଷ ବିବରଣୀ ଦ୍ୱାରା ସମର୍ଥିତ ନହୁଅନ୍ତି । ଏହି ମାମଲାରେ, ଉକ୍ତ ରାଜସାକ୍ଷୀଙ୍କ ଅଭିସାକ୍ଷ୍ୟ ବ୍ୟତୀତ ଏକମାତ୍ର ସାକ୍ଷ୍ୟ ହେଉଛି ମୃତ ବ୍ୟକ୍ତିଙ୍କ ଭାଇ ପିଡବ୍ଲ୍ୟୁ 16 ଙ୍କ ଅଭିସାକ୍ଷ୍ୟ, ଯିଏ କେବଳ ଏହା ଦର୍ଶାଇଥିଲେ ଯେ, ମୃତକଙ୍କୁ ଉକ୍ତ ଭାଇ 1982 ମସିହା ଜୁଲାଇ 28 ତାରିଖରେ ରାତି ପ୍ରାୟ 9ଟା ବେଳେ ମିଧା ଗାଁର କେନାଲ ପୋଲ ନିକଟରେ ଦେଖିଥିଲେ ଏବଂ ସେ ଅପିଲକାରୀ ଶେରା ସିଂହଙ୍କ ସହ ପଶ୍ଚିମ ଦିଗକୁ ଯାଇଥିଲେ । ଯେହେତୁ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ନାମ ପିଡବ୍ଲ୍ୟୁ 16 ଦ୍ୱାରା ଉଲ୍ଲେଖ କରାଯାଇ ନାହିଁ, ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ସନ୍ଦେହର ସୁବିଧା ପ୍ରଦାନ କରିଥିଲେ ଏବଂ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ, କିନ୍ତୁ ଯେହେତୁ ପି. ଡବ୍ଲ୍ୟୁ. 16ଙ୍କ ଦ୍ୱାରା ଅପିଲକାରୀଙ୍କ ନାମ ସେହି ବ୍ୟକ୍ତି ଭାବରେ ଉଲ୍ଲେଖ କରାଯାଇଥିଲା ଯାହାଙ୍କ ସହ ମୃତକଙ୍କୁ ଶେଷ ଥର ପାଇଁ ଏକାଠି ଦେଖିବାକୁ ମିଳିଥିଲା, ତେଣୁ ଅପିଲକାରୀଙ୍କ ବିରୋଧରେ ଦୋଷସିଦ୍ଧିକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବଜାୟ ରଖାଯାଇଛି । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯେହେତୁ ଅପିଲକାରୀଙ୍କ ନାମ ପି. ଡବ୍ଲ୍ୟୁ. 16 ଦ୍ୱାରା ସେହି ବ୍ୟକ୍ତି ଭାବରେ ଉଲ୍ଲେଖ କରାଯାଇଥିଲା ଯାହାଙ୍କ ସହ ମୃତକଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା, ପି. ଡବ୍ଲ୍ୟୁ. 16 ଙ୍କ ସାକ୍ଷ୍ୟ ରାଜସାକ୍ଷୀ ପି ଡବ୍ଲ୍ୟୁ 13 ଙ୍କ ଅଭିସାକ୍ଷ୍ୟରୁ ସମର୍ଥନ ପାଇଥାଏ ।

ଆମ ମତରେ, ଉଚ୍ଚ ନ୍ୟାୟାଳୟଙ୍କ ଏପରି ସିଦ୍ଧାନ୍ତ ଯଥାର୍ଥ ନୁହେଁ । କେବଳ ପି. ଡବ୍ଲ୍ୟୁ. 16ଙ୍କ ସାକ୍ଷ୍ୟ ଆଧାରରେ ଯେ, ମୃତ ବ୍ୟକ୍ତିଙ୍କୁ ଶେଷ ଥର ପାଇଁ ଅପିଲକାରୀଙ୍କ ସହିତ ଦେଖିବାକୁ ମିଳିଥିଲା, ଅପିଲକାରୀ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ପାଇଁ ଆଇନ ଅନୁଯାୟୀ ବାଧିତ ନୁହନ୍ତି । ଜଣେ ରାଜସାକ୍ଷୀଙ୍କ ଅଭିସାକ୍ଷ୍ୟ ବସ୍ତୁଗତ ସବିଶେଷ ବିବରଣୀ ଦ୍ୱାରା ସମର୍ଥିତ ହେବା ଆବଶ୍ୟକ ।  ଯେଉଁ ପରିସ୍ଥିତି ବିଷୟରେ ପି. ଡବ୍ଲ୍ୟୁ. 16ଙ୍କୁ ଅଭିସାକ୍ଷ୍ୟ ଦେଇଥିଲେ, ତାହାକୁ ଏପରି ଏକ ସମର୍ଥନ ବୋଲି ବିବେଚନା କରାଯାଇପାରିବ ନାହିଁ । ତେଣୁ, ପି. ଡବ୍ଲ୍ୟୁ. 13ଙ୍କ ସାକ୍ଷ୍ୟ ଉପରେ ନିର୍ଭର କରି ଅପିଲକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଯଥାର୍ଥ ନଥିଲା । ତେଣୁ, ଆମେ ଏହି ଅପିଲକୁ ଅନୁମତି ଦେଉଛୁ ଏବଂ ଅପିଲକାରୀଙ୍କ ବିରୋଧରେ ପାରିତ ହୋଇଥିବା ଦୋଷସିଦ୍ଧି ଏବଂ ଦଣ୍ଡାଦେଶକୁ ବାତିଲ କରୁଛୁ । ଏହି ନ୍ୟାୟାଳୟ ଦ୍ୱାରା ଏହି ଅପିଲ ବିଚାରାଧୀନ ଥିବା ସମୟରେ ଅପିଲକାରୀଙ୍କୁ ଜାମିନରେ ମୁକ୍ତ କରାଯାଇଛି । ତାଙ୍କ ଜାମିନନାମା ନିର୍ବାହିତ ହୋଇଛି ।

ଜି. ଏନ୍.

ଅପିଲକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ